Roll No. | | | | | | | **SET NO-1**

Candidates must write the Set No. on the title page of the answer book.

# DAV PUBLIC SCHOOLS, ODISHA ZONE
## PERIODIC ASSESSMENT - II, 2023-24

- Please check that this question paper contains 5 printed pages.
- Set number given on the right hand side of the question paper should be written on the title page of the answer book by the candidate.
- Check that this question paper contains 14 questions.
- Write down the Serial Number of the question in the left side of the margin before attempting it.
- 15 minutes cooling time has been allotted to read this question paper. The question paper will be distributed 15 minutes prior to the commencement of the examination. The students will read the question paper only and will not write any answer on the answer script during this period.

## CLASS – IX
## SUB: ODIA

**Time Allowed: 3 Hours** **Maximum Marks: 80**

**ସାଧାରଣ ନିର୍ଦ୍ଦେଶାବଳୀ :-**

ଏହି ପ୍ରଶ୍ନପତ୍ରରେ ଚାରୋଟି ବିଭାଗ ରହିଛି ।

| | | |
|---|---|---|
| ' କ ' ବିଭାଗ – ପଠନ | - | **10 MARKS** |
| ' ଖ ' ବିଭାଗ – ଲିଖନ | - | **12 MAKS** |
| ' ଗ ' ବିଭାଗ – ବ୍ୟାକରଣ | - | **10 MARKS** |
| ' ଘ ' ବିଭାଗ – ସାହିତ୍ୟ | - | **48 MARKS** |

## ' କ ' ବିଭାଗ ପଠନ – (10)

1. **ନିମ୍ନ ଅନୁଚ୍ଛେଦଟିକୁ ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡିକର ଉତ୍ତର ଲେଖ ।** 5 × 2 = 10

ଆଜି ସମଗ୍ର ବିଶ୍ୱରେ ଆର୍ଥନୀତିକ ପ୍ରଗତି ପାଇଁ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି । ଏହି ପ୍ରତିଦ୍ୱନ୍ଦ୍ୱିତାରେ କୃଷିକୁ ପଛରେ ପକାଇ ଶିଳ୍ପାନୁଷ୍ଠାନଗୁଡ଼ିକ ଆଗକୁ ମାଡ଼ି ଚାଲିଛନ୍ତି । ଅବଶ୍ୟ ଏକଥା ସତ୍ୟ ଯେ, ଦେଶର ଅର୍ଥନୀତି ଉପରେ ତାର ପ୍ରଗତି ନିର୍ଭର କରେ । ସାମ୍ପ୍ରତିକ ସମୟରେ କୃଷି ଓ ଶିଳ୍ପ ଉଭୟକୁ ସମାନ ଗୁରୁତ୍ୱ ଦେବା ଆବଶ୍ୟକ । ତେବେ ବୃହତ୍ ଶିଳ୍ପ ପ୍ରତିଷ୍ଠା ପାଇଁ ଅଧିକ ପୁଞ୍ଜି ଏବଂ ଭୂମି ତଥା କଞ୍ଚାମାଲ ଆବଶ୍ୟକ ହେଉଥିବାରୁ ଭାରତ ପରି ଏକ ବିକାଶଶୀଳ ରାଷ୍ଟ୍ରରେ କ୍ଷୁଦ୍ରଶିଳ୍ପ ବା କୁଟୀର ଶିଳ୍ପ ପ୍ରତିଷ୍ଠାକୁ ପ୍ରାଧାନ୍ୟ ଦେବା ପାଇଁ ମହାତ୍ମା ଗାନ୍ଧି କହୁଥିଲେ । ଏହା ଦ୍ୱାରା ପଲ୍ଲୀ ତଥା ପଲ୍ଲୀବାସୀଙ୍କ ଉନ୍ନତି ସଙ୍ଗେ ସମଗ୍ର ଦେଶର ଆର୍ଥନୀତିକ ପ୍ରଗତି ସମ୍ଭବ ହେବ । ବର୍ତ୍ତମାନ ଦେଶରେ ଯେଉଁ ଉତ୍କଟ ବେକାରି ସମସ୍ୟା ସୃଷ୍ଟି ହୋଇଛି ତାର ସମାଧାନ ସହଜ ହେବ । ଶିକ୍ଷିତ ବେକାରମାନଙ୍କ ସଂଖ୍ୟା ବୃଦ୍ଧି ହେବାରୁ ପଲ୍ଲୀର ଯୁବଶକ୍ତି ସହର ଆଡ଼କୁ ଧାଉଁଛି । ଗ୍ରାମମାନଙ୍କରେ ଶିଳ୍ପପ୍ରତିଷ୍ଠା ହେଲେ ଜନସାଧାରଣଙ୍କ ଦୃଷ୍ଟି ସହରରୁ ପୁଣି ଗ୍ରାମ ଆଡ଼କୁ ଫେରିଯିବ । ଅଧିକାଂଶ ଲୋକ କର୍ମସଂସ୍ଥାନ ପାଇପାରିବେ । ସମବାୟ ଭିତ୍ତିରେ ପ୍ରତିଷ୍ଠିତ ଏହି ଶିଳ୍ପାନୁଷ୍ଠାନଗୁଡ଼ିକରେ କୃଷିଜାତ ଦ୍ରବ୍ୟର ଉପଯୋଗ ହେବା ଫଳରେ ଗ୍ରାମର କୃଷକମାନେ ମଧ୍

ଆର୍ଥିକ ଦୃଷ୍ଟିରୁ ଲାଭବାନ୍ ହେବେ । ତେବେ ଏସବୁର ସଫଳତା ଆମ ଦେଶର ଯୋଜନା ପ୍ରସ୍ତୁତକାରୀ କର୍ମକର୍ତ୍ତାଙ୍କ ନିଷ୍ଠା ଓ ସଚ୍ଚୋଟପଣିଆ ଉପରେ ନିର୍ଭର କରେ ।

**ପ୍ରଶ୍ନାବଳୀ :**

(i) ଦେଶର ପ୍ରଗତି କାହା ଉପରେ ନିର୍ଭର କରେ ?

(ii) ବୃହତ୍ ଶିଳ୍ପପ୍ରତିଷ୍ଠା ଭାରତରେ ଗ୍ରହଣୀୟ ନୁହେଁ କାହିଁକି ?

(iii) ବେକାରି ସମସ୍ୟାର ସମାଧାନ ସହଜ ହେବ କିପରି ?

(iv) କୃଷକମାନଙ୍କର ଉନ୍ନତି କେଉଁ ଉପାୟରେ ସମ୍ଭବ ହେବ ?

(v) ସବୁ ଯୋଜନାର ସଫଳତା କାହା ଉପରେ ନିର୍ଭର କରେ ?

## ' ଖ ' ବିଭାଗ ଲିଖନ – (12)

**2. ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ ।** 1 × 6 = 6

i) ମାନବ ସେବାରେ ବିଜ୍ଞାନ

ii) ଜଳ ହିଁ ଜୀବନ

iii) ଛାତ୍ର ଜୀବନରେ ଶୃଙ୍ଖଳାର ଆବଶ୍ୟକତା

**3. ଦରଖାସ୍ତ ଲେଖ । (ଯେ କୌଣସି ଗୋଟିଏର )** 1 × 6 = 6

ବର୍ଷା ଯୋଗୁଁ ବିଭିନ୍ନ ଅଞ୍ଚଳରେ ପାଣି ଜମି ରହୁଥିବାରୁ ମଶା ସଂଖ୍ୟା ବଢି ଡେଙ୍ଗୁଜ୍ୱର ବ୍ୟାପିବାରେ ଲାଗିଛି । ଏହାର ପ୍ରତିକାର ନିମନ୍ତେ ମହାନଗର ନିଗମ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ।

**କିମ୍ବା**

ତୁମ ଅଞ୍ଚଳରେ ଅଘୋଷିତ ବିଜୁଳି କାଟ ବନ୍ଦ କରିବା ପାଇଁ ବିଦ୍ୟୁତ୍ ବିଭାଗୀୟ ମୁଖ୍ୟ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ ।

(ବି. ଦ୍ର. – ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## ' ଗ ' ବିଭାଗ ବ୍ୟାକରଣ – (10)

**4. ସନ୍ଧି ବିଚ୍ଛେଦ କର । (ଯେ କୌଣସି 3 ଟିର)** 3 × 1 = 3

ଉଚ୍ଚାସନ, ସଦିଚ୍ଛା, ବାଗ୍‌ଦେବୀ, ମନୋରଞ୍ଜନ, ଅନ୍ୱେଷଣ

**5. ବ୍ୟାସ ବାକ୍ୟ ସହ ସମାସର ନାମ ଲେଖ । (ଯେ କୌଣସି 3 ଟିର)** 3 × 1 = 3

ରୋଗମୁକ୍ତ, ବାଟଘାଟ, ପୁତ୍ରଶୋକ, ଫୁଲଫଳ, ପଞ୍ଚେନ୍ଦ୍ରିୟ

**6. ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଠନ ରୀତି ଦର୍ଶାଅ । (ଯେ କୌଣସି 2 ଟିର )** 2 × 1 = 2

ଚଳନ୍ତା, ଦର୍ଶନ,ଗଡ଼ାଣି

**7. ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଠନ ରୀତି ଦର୍ଶାଅ । ( ଯେ କୌଣସି 2 ଟିର )** 2 × 1 = 2

ଭାରତ, ଦୈନିକ, ଗାଙ୍ଗେୟ

## ' ଘ ' ବିଭାଗ ସାହିତ୍ୟ – (48)

**8. ସପ୍ରସଙ୍ଗ ସରଳାର୍ଥ ଲେଖ । ( ଯେ କୌଣସି ଗୋଟିଏର)** 1 × 5 = 5

i) ଜାତୀୟ ଜୀବନ ପ୍ରତିଷ୍ଠିତ ହେଲେ, ଜାତି ଜାତି ମଧ୍ୟରେ ସଦ୍ଭାବ ହେବ ।

ii) କୋଟି କୋଟି ବାମନ ଆକାଶରେ ଉଜ୍ଜ୍ୱଳ ଚନ୍ଦ୍ରମଣ୍ଡଳକୁ ଦେଖି ଲୋଭ ସମ୍ବରଣ କରି ନ ପାରି ହାତ ବଢାଉଛନ୍ତି, ମାତ୍ର ଧରି ନ ପାରି ହାସ୍ୟାସ୍ପଦ ହେଉଛନ୍ତି ।

**9. ସଂକ୍ଷେପରେ ଉତ୍ତର ଲେଖ । ( ଯେ କୌଣସି 3ଟିର)** 3 × 2 = 6

i) କେଉଁ ଭାବଗୁଡ଼ିକ ମଣିଷକୁ ପ୍ରତିକ୍ଷଣ ତଳକୁ ଓଟାରୁଅଛି ?

ii) ରାମକୃଷ୍ଣ ବୋଷ କିଏ ଏବଂ ସେ କେଉଁଠାରେ ରହୁଥିଲେ ?

iii) ଦୋଷଗୁଣ ଦେଖିବା ସମ୍ପର୍କରେ ଲେଖକଙ୍କ ବକ୍ତବ୍ୟ କ'ଣ ?

iv) ଆର୍ଯ୍ୟଋଷିମାନେ କ'ଣ ଭାବିଥିଲେ ?

v) କେଉଁମାନେ ବନର ମାଳତୀ ପରି ବନରେ ଫୁଟି ଝଡ଼ିପଡୁଛନ୍ତି ?

**10. ଉତ୍ତର ପର୍ଯ୍ୟାୟରୁ ଠିକ ଉତ୍ତରଟି ବାଛି ଲେଖ ।** 10 ×1= 10

i) କେଉଁ ଦେଶର ନାରୀ ପୁରୁଷ ଅପେକ୍ଷା ପ୍ରବଳ?

A) ଭାରତ B) ଗ୍ରୀନଲାଣ୍ଡ
C) ବର୍ମା D) ସୁଇଜରଲାଣ୍ଡ

ii) ଶିଶୁଗୀତକୁ କାହା ସହିତ ତୁଳନା କରାଯାଇଛି ?

A) ମୃଗତୃଷ୍ଣା B) ମନୋରଞ୍ଜନ
C) ଖିଆଲ D) ମଜାଗୀତ

iii) ‘ବାମନର ହାତ ଓ ଆକାଶର ଚନ୍ଦ୍ର’ ପ୍ରବନ୍ଧର ପ୍ରାବନ୍ଧିକ କିଏ ?

A) ଗୋପବନ୍ଧୁ ଦାସ B) ମଧୁସୂଦନ ରାଓ
C) ଗୋଦାବରୀଶ ମିଶ୍ର D) ରବି ସିଂ

iv) ଭାବ ଓ ସଭ୍ୟତାର ମୂଳରେ କ’ଣ ରହିଛି ?

A) ଭାଷା B) ବିଶ୍ୱାସ
C) ନିନ୍ଦା D) ସାହିତ୍ୟ

v) ଭାରତୀୟ ସଭ୍ୟତାର ମେରୁଦଣ୍ଡ ରୂପରେ କ’ଣ ଥିଲା ?

A) ସିନ୍ଧୁ ସଭ୍ୟତା B) ଦ୍ରାବିଡ଼ ସଭ୍ୟତା
C) ଆର୍ଯ୍ୟ ସଭ୍ୟତା D) ଆଧୁନିକ ସଭ୍ୟତା

vi) ସବୁ ବ୍ୟକ୍ତି ଓ ସବୁ ଜାତିଙ୍କଠାରେ କେଉଁ ଗୁଣ ରହିଛି ?

A) ଅନୁକରଣଯୋଗ୍ୟ B) ଅନୁଧାବନଯୋଗ୍ୟ
C) ଅନୁସରଣଯୋଗ୍ୟ D) ଅନୁଗମନଯୋଗ୍ୟ

vii) ଉତ୍କଳଗୌରବ କିଏ ?

A) ଗୋପବନ୍ଧୁ ଦାସ B) ମଧୁସୂଦନ ରାଓ
C) ମଧୁସୂଦନ ଦାସ D) ଲକ୍ଷ୍ମୀକାନ୍ତ ମହାପାତ୍ର

viii) ଯୁକ୍ତରାଷ୍ଟ୍ରର ରାଜ୍ୟଭାଷା କ'ଣ ?

A) ହିବ୍ରୁ B) ଇଂରାଜୀ

C) ଆମେରିକୀ D) ଫ୍ରେଞ୍ଚ

ix) 'ବାମନର ହାତ ଓ ଆକାଶର ଚନ୍ଦ୍ର' କେଉଁ ପୁସ୍ତକର ଅଂଶବିଶେଷ ?

A) ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ B) ଆଲେଖିକା

C) ଗୀତାୟନ D) ଘଟାନ୍ତର

x) କେଉଁ ଉତ୍ସବରେ ଗୋପବନ୍ଧୁ ଦାସଙ୍କ ଆଖି ଚିରଦିନ ପାଇଁ ମୁଦ୍ରିତ ହୋଇଯାଇଥିଲା ?

A) ନେତ୍ର ଉତ୍ସବ B) ବୈଶାଖୀ ଉତ୍ସବ

C) ମକର ଉତ୍ସବ D) ଧନୁ ଉତ୍ସବ

**11. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି ଗୋଟିଏର)** 1 × 5 = 5

(I) ଆହା କି ଦିବ୍ୟଶିରୀ ତହୁଁ ତୁ ଲଭୁ,
ଧନ୍ୟ ଉତ୍କଳ ଧନ୍ୟ ତୋହର ପ୍ରଭୁ ।

(ii) ଜୀବନ ବିହୁନେ ଯେହ୍ନେ ଝଷ
ରାଜା ବିନେ ଯେହ୍ନେ ଗ୍ରାମ ଦେଶ ।

**12. ସଂକ୍ଷେପରେ ଉତ୍ତର ଲେଖ ।( ଯେକୌଣସି 3 ଟିର)** 3 × 2 = 6

i). କାନ୍ଥରେ ଭୟଙ୍କର ମୂର୍ତ୍ତିର ଚିତ୍ର ଦେଖି କୃଷ୍ଣ କ'ଣ କରୁଥିଲେ ?

ii) ପଦ୍ମସହିତ ଶରୀରର କେଉଁ ଅଙ୍ଗ ଗୁଡ଼ିକୁ ତୁଳନା କରାଯାଏ ?

iii) କଲମକୁ ମୌନୀ ବୋଲି କବି କାହିଁକି କହିଛନ୍ତି ?

iv) ଉତ୍କଳମାତାର ଶରୀର କାହାର ରକ୍ତରେ ଚର୍ଚ୍ଚିତ ହୋଇଛି ?

v) କବି ନିଜକୁ ପଦ୍ମ ସହ ତୁଳନା କରିବା ପାଇଁ ଦୁଃଖିତ କାହିଁକି ?

**13. ଉତ୍ତର ପର୍ଯ୍ୟାୟରୁ ଠିକ ଉତ୍ତରଟି ବାଛି ଲେଖ ।** 10×1=10

i) କାହାର ସ୍ପର୍ଶରେ ପଦ୍ମଫୁଲ ଫୁଟେ ?

A) ପବନ B) ବର୍ଷା

C) କାକର D) ସୂର୍ଯ୍ୟରଶ୍ମି

ii) 'ପଦ୍ମ' କବିତା କେଉଁ ପୁସ୍ତକର ଅନ୍ତର୍ଗତ ?

A) ଛାନ୍ଦମାଳା B) କୁସୁମାଞ୍ଜଳି

C) ବସନ୍ତଗାଥା D) କବିତାବଳୀ

iii) 'ପ୍ରାକ୍ତନ' ଶବ୍ଦର ଅର୍ଥ କ'ଣ ?

A) ଆଧୁନିକ B) ଆଦ୍ୟଯୁଗ

C) ପୂର୍ବକାଳୀନ D) ପ୍ରାକ୍ ଆଧୁନିକ ଯୁଗ

iv) ମଧୁସୂଦନ ରାଓ କେଉଁ ଧର୍ମ ଗ୍ରହଣ କରିଥିଲେ ?

A) ବୈଷ୍ଣବ B) ବୌଦ୍ଧ

C) ଜୈନ D) ବ୍ରାହ୍ମ

v) ଲକ୍ଷ୍ମୀକାନ୍ତ ମହାପାତ୍ର କେଉଁ ପତ୍ରିକାର ସମ୍ପାଦକ ଥିଲେ ?

A) ନିଆଁଖୁଣ୍ଟା B) ସତ୍ୟବାଦୀ

C) ଡଗର D) ନବରବି

vi) 'ହେ ମୋର କଲମ' କବିତାର କବି କିଏ ?

A) ମଧୁସୂଦନ ରାଓ B) ଗଙ୍ଗାଧର ମେହେର

C) ଗୋଦାବରୀଶ ମହାପାତ୍ର D) ନୀଳକଣ୍ଠ ଦାସ

vii) କୃଷ୍ଣଙ୍କ କାନରେ କ'ଣ ଶୋଭା ପାଏ ?

A) କିରୀଟ B) କୁଣ୍ଡଳ

C) ବାହୁଟି D) କାନଫୁଲ

viii) ଉତ୍କଳର କ୍ଷେତ କେଉଁଥିରେ ସୁଶୋଭିତ ?

A) ଗହମ B) ବାଜରା

C) ମୁଗ D) ଧାନ

ix) ଗୋଦାବରୀଶ ମହାପାତ୍ରଙ୍କର ବ୍ୟଙ୍ଗାତ୍ମକ ପତ୍ରିକାର ନାମ କ'ଣ ?

A) ନବରବି B) ସତ୍ୟବାଦୀ

C) ନିଆଁଖୁଣ୍ଟା D) ଉତ୍କଳ ସାହିତ୍ୟ

x) କୃଷ୍ଣ ପିତାଙ୍କୁ କ'ଣ ମାଗୁଥିଲେ ?

A) ଚନ୍ଦ୍ର B) ତାରା

C) ରବି D) ଅଧାମ

**14. ସଂକ୍ଷେପରେ ଉତ୍ତର ଲେଖ। (ଯେକୌଣସି 3 ଟିର)** $3 \times 2 = 6$

i) ଶଙ୍ଖା ପିନ୍ଧେଇ ସାରି ବୁଢା ଦାମ ନେଲା ନାହିଁ କାହିଁକି ?

ii) ବୋହୂଟିର ଗଢଣ କିପରି ଥିଲା ?

iii) ରାୟ ବାହାଦୁର ଘରର ଝରକା କବାଟ ବନ୍ଦ କରିଦେଲେ କାହିଁକି ?

iv) ପଟୁଆରର ନେତୃତ୍ୱ କିଏ ନେଇଥିଲେ ?

v) ନାଉରୀ ଦଳବେହେରାଙ୍କୁ କାହିଁକି ଖୋଜୁଥିଲା ?

****